# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 February – 2026

*********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ପାଇଁ ପ୍ରଯୁକ୍ତିବିଦ୍ୟା, ସଂସ୍କାର ଏବଂ ଅର୍ଥଶୀର୍ଷକ ବଜେଟ୍ ପରବର୍ତ୍ତୀ ସମ୍ମିଳନୀକୁ ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀ
- ସମ୍ବଲପୁରରେ ମହାନଦୀ ଟ୍ରିବ୍ୟୁନାଲ ସଦସ୍ୟଙ୍କ ବୈଠକ ଅନୁଷ୍ଠିତ

— ହୀରାକୁଦରେ କ୍ଷେତ୍ର ପରିଦର୍ଶନ କଲେ ୧୦ ଜଣିଆ ସଦସ୍ୟ

- ନିର୍ଦ୍ଧାରିତ ସମୟ ପୂର୍ବରୁ ଓଡ଼ିଶାକୁ କରାଯିବ ମାଓବାଦୀ ମୁକ୍ତ; ପୁଲିସ୍ ମହାନିର୍ଦ୍ଦେଶକଙ୍କ ସୂଚନା
- ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ଲାଗି ଏକକ ପିଜି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ଆରମ୍ଭ

ଏବଂ

- ଭୁବନେଶ୍ୱରରେ ଆଜିଠାରୁ ଆରମ୍ଭ ହେଉଛି ୪ ଦିନିଆ ଦକ୍ଷତା ମହାକୁମ୍ଭ

# ପିଏମ୍-ୱେବିନାର

ବିଭିନ୍ନ କ୍ଷେତ୍ରରେ ସରକାର ଗ୍ରହଣ କରିଥିବା ସଂସ୍କାରମୂଳକ ପଦକ୍ଷେପ, ବ୍ୟବସାୟ କରିବାରେ ସହଜତାରେ ଉନ୍ନତି ଆଣିବା ସହ ପ୍ରଯୁକ୍ତିବିଦ୍ୟା ଆଧାରିତ ଶାସନ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରିଛି  ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। 'ବିକଶିତ ଭାରତ ପାଇଁ ପ୍ରଯୁକ୍ତିବିଦ୍ୟା, ସଂସ୍କାର ଏବଂ ଅର୍ଥ' ଶୀର୍ଷକ  ବଜେଟ୍ ପରବର୍ତ୍ତୀ ୱେବିନାରକୁ ସମ୍ବୋଧନ କରି ଶ୍ରୀ ମୋଦୀ  କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଉତ୍କୃଷ୍ଟତା ଓ ପ୍ରାଥମିକତା ପ୍ରଦାନ କରାଯିବା ଉଚିତ।  ଘୋଷିତ ସଂସ୍କାରର ସଠିକ୍ କାର୍ଯ୍ୟାନ୍ୱୟନ ଉପରେ ମଧ୍ୟ ମୂଲ୍ୟାଙ୍କନ କରାଯିବା ନେଇ ସେ ଗୁରୁତ୍ୱାରୋପ କରିଛନ୍ତି। କୃତ୍ରିମ ବୁଦ୍ଧିମତ୍ତା, ଯୋଗାଣ ଶୃଙ୍ଖଳ ଏବଂ ତଥ୍ୟ ବିଶ୍ଳେଷଣ ଆଧାରରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

**- V/O -**

ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ସରକାରୀ ପୁଞ୍ଜି ବ୍ୟୟ ନିରନ୍ତର ବୃଦ୍ଧି ପାଉଛି। ସଡ଼କ, ରେଳ, ଏବଂ ଜଳପଥ ତଥା ଡିଜିଟାଲ ନେଟୱର୍କ, ବିଦ୍ୟୁତ୍ ସଂଯୋଗ ଭଳି ଭିତ୍ତିଭୂମିକୁ ସୁଦୃଢ଼ କରାଯାଇ ପାରିଲେ ଦେଶ ବିକାଶର ପଥରେ ଅଧିକ ଗତିଶୀଳ ହୋଇପାରିବ।

କେନ୍ଦ୍ର ବଜେଟ୍‌ରେ ଆବଣ୍ଟିତ ଅର୍ଥ ପରିମାଣ ୧୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । କେନ୍ଦ୍ରୀୟ ବଜେଟ୍ ଏକ କ୍ଷଣସ୍ଥାୟୀ ବାଣିଜ୍ୟ ନଥିପତ୍ର ନୁହେଁ; ବରଂ ଏହା ହେଉଛି ଏହା ଏକ ନୀତିଗତ ରୋଡ୍‌ମ୍ୟାପ୍ । ବଜେଟର ପ୍ରଭାବକୁ ଦୃଢ଼ ଏବଂ ପ୍ରକୃତ ମାନକ ମାଧ୍ୟମରେ ମୂଲ୍ୟାଙ୍କନ କରାଯିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ୱେବିନାରରେ ଶିଳ୍ପୋଦ୍ୟୋଗ, ଆର୍ଥିକ ପ୍ରତିଷ୍ଠାନ, ବଜାର ଅଂଶଗ୍ରହଣକାରୀ, ସରକାର, ଶିଳ୍ପ ନିୟାମକ ଏବଂ ଶିକ୍ଷାନୁଷ୍ଠାନର ଅଂଶିଦାର ପ୍ରମୁଖ ଯୋଗ ଦେଇଥିଲେ ।

## ମହାନଦୀ ଜଳବିବାଦ ସଦସ୍ୟ

ଓଡ଼ିଶା-ଛତିଶଗଡ଼ ମହାନଦୀ ଜଳବିବାଦ ପ୍ରସଂଗରେ କ୍ଷେତ୍ର ପରିଦର୍ଶନ ପାଇଁ ଓଡ଼ିଶା ଆସିଥିବା ମହାନଦୀ ଟ୍ରିବ୍ୟୁନାଲର ୧୦ ଜଣିଆ ଟିମ୍ ଆଜି ହୀରାକୁଦ ଜଳଭଣ୍ଡାର ଓ ମହାନଦୀ ପରିଦର୍ଶନ କରୁଛନ୍ତି । ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ, ଜଷ୍ଟିସ୍ ରବି ରଞ୍ଜନଙ୍କ ସମେତ ସଦସ୍ୟମାନେ ଆଜି ସକାଳେ ହୀରାକୁଦର ଅଶୋକ ନିବାସରେ ଏକ ବୈଠକ କରିଥିଲେ । ଏଥିରେ ସମ୍ବଲପୁର ଓ ବରଗଡ଼ ଜିଲ୍ଲାପାଳ, ଓଡ଼ିଶା-ଛତିଶଗଡ଼ର ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ର ବ୍ୟାରେଜ୍ ଯୋଗୁଁ ଜଳପ୍ରବାହ କେତେ ପରିମାଣରେ କମିଛି ଏବଂ ଏହାଦ୍ୱାରା ଓଡ଼ିଶା କେତେ ପ୍ରଭାବିତ ହେଉଛି ସେ ସମ୍ପର୍କରେ ଓଡ଼ିଶାର ଅଧିକାରୀମାନେ ବୈଠକରେ ତଥ୍ୟ ଉପସ୍ଥାପନ

କରିଥିଲେ।  ଆଜି ଟ୍ରିବ୍ୟୁନାଲର ସଦସ୍ୟମାନେ ହୀରାକୁଦ ବନ୍ଧର ବାମପାର୍ଶ୍ୱ ସ୍ପିଲ୍‌ଓ୍ୱେଲ, ବୁର୍ଲା ପାଓ୍ୱାରହାଉସ୍ ଓ ଜବାହର ଉଦ୍ୟାନ ଆଦି ବୁଲି ଦେଖିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

ବୈଠକ ପରେ ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି,

**- V/O - (ପୀତାମ୍ବର ଆଚାର୍ଯ୍ୟ)**

ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମହାନଦୀ  ଜଳବିବାଦର ସମସ୍ୟାର ସମାଧାନ କରାଯିବ। ରାଜ୍ୟ ସରକାର ଏହି ଦିଗରେ ଉଦ୍ୟମ ଜାରି ରଖିଛନ୍ତି। ଛତିଶଗଡ଼ ଓ ଓଡ଼ିଶାର ଆପୋଷ ବୁଝାମଣାରେ ସମାଧାନର ବାଟ ବାହାରିବ। ରାଜ୍ୟବାସୀ  ମହାନଦୀ ଜଳର କିପରି ସୁବିନିଯୋଗ କରିବେ ସେ ନେଇ ବ୍ୟବସ୍ଥା କରାଯାଉଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

# ପାରାଦୀପ ବନ୍ଦର

ପାରାଦୀପ ବନ୍ଦରରେ ଗ୍ରୀନ୍ ହାଇଡ୍ରୋଜେନ୍, ଆମୋନିଆ ଓ ଅନ୍ୟାନ୍ୟ ତରଳ କାର୍ଗୋ ପରିବହନ ପାଇଁ ଏକ ଜେଟି ଓ ଆନୁସଙ୍ଗିକ ସୁବିଧା ବିକାଶ ଲାଗି କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଅନୁମୋଦନ ଦେଇଛି । ବିଭାଗୀୟ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ କହିଛନ୍ତି, ଦେଶର ବନ୍ଦର ଗୁଡ଼ିକ ସବୁଜ ବିକାଶ, ନବ ପ୍ରବର୍ତ୍ତନର ଦ୍ୱାର ଭାବେ ପରିଣତ ହେଉଛି । ଏହି ପ୍ରକଳ୍ପ କାର୍ଯ୍ୟ ଦୁଇବର୍ଷ ମଧ୍ୟରେ ସଂପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ପ୍ରକଳ୍ପ ପାଇଁ ୭୯୭ କୋଟି ୧୭ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଏହି

ସୁବିଧାର ବାର୍ଷିକ ପରିଚାଳନା ସାମର୍ଥ୍ୟ ୪ ଦଶମିକ ଶୂନ୍ ମିଲିୟନ ଟନ୍ ରହିବ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବନ୍ଦର ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କୁ କୃତଜ୍ଞତା ଜଣାଇ କହିଛନ୍ତି, ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ସବୁଜ ନିବେଶ ଆହୁରି ତ୍ୱରାନ୍ୱିତ ହେବ। ନିଯୁକ୍ତି ସୃଷ୍ଟି, ବଜାର ସଂଯୋଗ, ସ୍ୱଚ୍ଛଶକ୍ତି ରପ୍ତାନୀ ଅଭିବୃଦ୍ଧି ଏବଂ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ସାମୁଦ୍ରିକ ଅର୍ଥନୀତି ଗଠନରେ ଓଡ଼ିଶାର ଭୂମିକା ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

## ମାଓବାଦୀ

ନିର୍ଦ୍ଧାରିତ ସମୟ ପୂର୍ବରୁ ଓଡ଼ିଶାକୁ ମାଓବାଦୀମୁକ୍ତ କରାଯିବ ବୋଲି ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ କହିଛନ୍ତି। ହିଂସା ଛାଡି ଆତ୍ମସମର୍ପଣ ନ କଲେ ଏସ୍ଓଜି ଯବାନଙ୍କ ଅପରେସନର ଭୟଙ୍କର ପରିଣାମ ଭୋଗିବାକୁ ହେବ ବୋଲି ଶ୍ରୀ ଖୁରାନିଆ ମାଓବାଦୀମାନଙ୍କୁ ଚେତାବନୀ ଦେଇଛନ୍ତି। କନ୍ଧମାଳ ଦାରିଙ୍ଗ୍ୱାଡ଼ିରେ ବର୍ତ୍ତମାନ ଜୋରଦାର କୁମ୍ବିଂ ଅପରେସନ୍ ଜାରି ରହିଛି। ଗତ ୨ ବର୍ଷ ମଧ୍ୟରେ ମାଓ ସଂଗଠନ ସହ ଜଡିତ ୫୯୧ ଜଣ ମାଓବାଦୀ ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ଆତ୍ମସମର୍ପଣ କଲେ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ପୁରସ୍କାର ଏବଂ ପୁନର୍ବାସର ସୁବିଧା ପ୍ରଦାନ କରାଯିବ ବୋଲି ଶ୍ରୀ ଖୁରାନିଆ କହିଛନ୍ତି।

**- V/O –**

## ସ୍ନାତକୋତ୍ତର ନାମଲେଖା

ରାଜ୍ୟରେ ୨୦୨୬-୨୭ ଶିକ୍ଷାବର୍ଷ ଲାଗି ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଏକକ ପିଜି ପ୍ରବେଶିକା ପରୀକ୍ଷା - ସିପିଇଟି ଲାଗି ଆଜିଠାରୁ ଆବେଦନ ଆରମ୍ଭ ହୋଇଛି । ଛାତ୍ରଛାତ୍ରୀ ସାମ୍ସ ପୋର୍ଟାଲ୍‌ରେ ଆସନ୍ତାମାସ ୧୫ ତାରିଖ ପର୍ଯ୍ୟନ୍ତ ଫର୍ମ ପୂରଣ କରିପାରିବେ । ଆସନ୍ତା ମେ' ମାସ ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ନାତକୋତ୍ତର ବିଷୟ ପାଇଁ ସି.ପି.ଇ.ଟି. ପ୍ରବେଶିକ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ଫଳ ଆଧାରରେ ଛାତ୍ରଛାତ୍ରୀମାନେ ସ୍ନାତକୋତ୍ତର ପାଠ୍ୟକ୍ରମ ଚୟନ କରିପାରିବେ। ଆସନ୍ତା ଜୁଲାଇ ମାସ ୧୦ ତାରିଖ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ସ୍ନାତକୋତ୍ତର ପାଠ୍ୟକ୍ରମକୁ ଆରମ୍ଭ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

## ଜୟନ୍ତୀ

ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ ଆଜି ରାଜ୍ୟ ବ୍ୟାପି ପାଳନ କରାଯାଉଛି । ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିଛନ୍ତି । ଗାନ୍ଧିବାଦୀ ଆଦର୍ଶର ପ୍ରମୁଖ୍ ପ୍ରବକ୍ତା, ସମାଜ ସଂସ୍କାରକ ଓ ଶିକ୍ଷାବିତ୍ ଆଚାର୍ଯ୍ୟ ହରିହରଙ୍କ ଜୀବନୀ, ସରଳତା, ନୈତିକତା ଓ ସମାଜସେବାରେ

ନିହିତ ଥିଲା। ସ୍ୱାଧୀନତା ସଂଗ୍ରାମରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଶିକ୍ଷାର ପ୍ରସାର ଓ ସମାଜ ସଂସ୍କାରରେ ତାଙ୍କ ଅବଦାନ ଆଜି ବି ସମାଜକୁ ପ୍ରେରଣା ଦେଉଛି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ଆଚାର୍ଯ୍ୟ ହରିହର ଦାସଙ୍କ ଜନସେବା ପ୍ରତି ନିଷ୍ଠା ଓ ଆଦର୍ଶ ସର୍ବଦା ଆଗାମୀ ପିଢ଼ି ପାଇଁ ପ୍ରେରଣାଦାୟୀ ହୋଇ ରହିବ। ସନ୍ଧ୍ୟାରେ ଜୟଦେବ ଭବନରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଧର୍ମେନ୍ଦ୍ର ପ୍ରଧାନ

ଆଶାକର୍ମୀମାନେ ସେବା ଓ ବିଶ୍ୱାସର ପ୍ରତୀକ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁରଠାରେ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଜିଲ୍ଲାରେ ୩ ଲକ୍ଷ ଘର ପାଇଁ ୧ ହଜାର ୭୮ ଜଣ ଆଶା ଦିଦି କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ଶତପ୍ରତିଶତ ସୁସ୍ଥ ଶିଶୁ ଓ ୧୮ ବର୍ଷ ହେବା ପର୍ଯ୍ୟନ୍ତ ଯତ୍ନ ନେବା ଦାୟିତ୍ୱ କାର୍ଯ୍ୟ ପାଇଁ ସମସ୍ତ ବିଭାଗର ସମନ୍ୱୟ ବୈଠକ ଅନୁଷ୍ଠିତ ହେବ। ଜିଲ୍ଲାକୁ ବିକଶିତ କରିବା ପାଇଁ ସରକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଦିଗରେ ବିଭାଗୀୟ ଅଧିକାରୀମାନଙ୍କୁ କାର୍ଯ୍ୟ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର, ପରିମଳ ଓ ପାନୀୟ ଜଳ ବ୍ୟବସ୍ଥାରେ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ନୀତି ପ୍ରସ୍ତୁତ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ଦକ୍ଷତା ମହାକୁମ୍ଭ

ଭୁବନେଶ୍ୱର ଦକ୍ଷତା ବିକାଶ ପରିସରରେ ଆଜିଠାରୁ ଆରମ୍ଭ ହେଉଛି ଦକ୍ଷତା ମହାକୁମ୍ଭ। ସ୍କିଲ ଅଲିମ୍ପିକ୍ ଭାବେ ବିବେଚିତ ୱାର୍ଲ୍ଡ ସ୍କିଲ ପ୍ରତିଯୋଗିତା ପାଇଁ ପୂର୍ବ ଭାରତର ଯୁବବର୍ଗ ଓଡ଼ିଶାରେ ନିଜର ଦକ୍ଷତା ପ୍ରଦର୍ଶନ କରିବେ। ଚଳିତଥର ଏହି ପ୍ରତିଯୋଗିତାରେ ୫ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଂଚଳରୁ ୨୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଥ୍ରୀଡି, ଡିଜିଟାଲ ଗେମ୍ ଆର୍ଟ, କ୍ଲାଉଡ କମ୍ପ୍ୟୁଟିଂ, ସାଇବର ସୁରକ୍ଷା, ବିଉଟି ଥେରାପି, ପ୍ଲମ୍ବିଂ ଓ ନବୀକରଣ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରରେ ପ୍ରତିଯୋଗୀମାନେ ପ୍ରଯୁକ୍ତି କୌଶଳ ପ୍ରଦର୍ଶନ କରିବେ। ପ୍ରତିଯୋଗିତା ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ପୂର୍ବରୁ ଗୌହାଟୀ, ଗାନ୍ଧିନଗର, ହାଇଦ୍ରାବାଦରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।